## ମନ୍ତ୍ରୀଙ୍କ ଉଦ୍‌ଘାଟନକୁ ୭ ଦିନ ବିତିଲା

# ଆରମ୍ଭ ହେଉନି ଧାନକିଣା, ହନ୍ତସନ୍ତ ହେଉଛନ୍ତି ଚାଷୀ

ଖଇରା, ୫ ।୧ (ସମିସ)



ମନ୍ତ୍ରୀଙ୍କ ଉଦଘାଟନକୁ ୭ଦିନ ପୂରିଥିବା ବେଳେ ଏ ପର୍ଯ୍ୟନ୍ତ ଖଇରା ବ୍ଲକ ସମେତ ସମଗ୍ର ବାଲେଶ୍ୱର ଜିଲାରେ ଧାନ କିଣା ଆରମ୍ଭ ହୋଇ ପାରୁନାହିଁ। ଏଭଳି କି ସମିତିମାନଙ୍କ ସହ ଯୋଗାଣ ବିଭାଗର ଚୁକ୍ତି ପ୍ରକ୍ରିୟା ଏ ପର୍ଯ୍ୟନ୍ତ ସରିନାହିଁ। ସେପଟେ ୨୯ତାରିଖରୁ ଟୋକନ ପାଇଥିବା ଚାଷୀଙ୍କ ସମୟ ସୀମା ସରି ଆସୁଥିବାରୁ ସେମାନଙ୍କ ମୁଣ୍ଡରେ ଏବେ ଚଡକ ପଡିଛି। ଚାଷୀମାନେ ଖୋଲା ଆକାଶ ତଳେ ବର୍ଷକର ଭାତ ହାଣ୍ଡିକୁ ସାଇତି ରଖି ସରକାରଙ୍କ ଜିଲା ପ୍ରସାସନର ନିଷ୍ପତ୍ତିକୁ ଚାତକ ଭଳି ଚାହିଁ ବସିଛନ୍ତି।

ଖଇରା ବ୍ଲକରେ ଚଳିତ ବର୍ଷ ପାଖାପାଖି ୧୯ହଜାର ୪ଶହ ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ନଭେମ୍ବର ଶେଷ ସପ୍ତାହରୁ ଅମଳ ସରଗଲାଣି। ଜିଲ୍ଲା ସ୍ତରୀୟ କମିଟି ଡିସେମ୍ବର ୨୯ରୁ ଧାନ କିଣିବାକୁ ନିଷ୍ପତ୍ତି ନେବା ପରେ ୩୦ଭାଗ ଛୋଟ ଚାଷୀ ଅଳ୍ପ ମୂଲ୍ୟରେ ବଙ୍ଗ ବ୍ୟବସାୟୀଙ୍କୁ ବିକିବାକୁ ବାଧ ହୋଇ ସାରିଛନ୍ତି। ଖଇରା ବ୍ଲକର ଅନ୍ତରାଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ୨୯ତାରିଖ ଦିନ କୃଷ୍ଣଚନ୍ଦ୍ର ପାତ୍ରଙ୍କ ମଣ୍ଡି ଉଦଘାଟନ କରିବା ଖବର ପ୍ରଚାର ହେବା ପରେ ସେହି ଦିନ ଠାରୁ ଚାଷୀ ଧାନ ବିକିବେ ବୋଲି ମନରେ ଆଶାଣ୍ଟବାନ୍ଧି ବସିଥିଲେ। ହେଲେ ଡିସେମ୍ବର ୨୯ ତାରିଖର ଉଦ୍‌ଘାଟନୀ ପର୍ବର ଭୋଜିଭାତ ସରି ନୂଆବର୍ଷର ୪ଦିନ ଅତିକ୍ରାନ୍ତ ହୋଇ ସାରିଲାଣି। ଏ ପର୍ଯ୍ୟନ୍ତ ଧାନକିଣାର ଗନ୍ଧବାସନା ନାହିଁ। ପ୍ରଥମେ ଧାନ କିଣିବାକୁ ଇଛୁକଥିବା ସେବା ସମବାୟ ସମିତି ସହ ଯୋଗାଣ ବିଭାଗର ଚୁକ୍ତି ପ୍ରକ୍ରିୟା ଏବଂ ତାପରର ମିଲର ଟ୍ୟାଗ କରାଯିବା ପ୍ରକ୍ରିୟା ରହିଥିବାରୁ ଏବର୍ଷ ଧାନକିଣାରେ ଅନିଶ୍ଚିତତା ଦେଖାଦେଇଛି। ସେହିଭଳି ମନ୍ତ୍ରୀ ଦେଇଥିବା ପ୍ରତିକ୍ରିୟାରେ ଚାଷୀଙ୍କ ସମସ୍ତ ଟୋକନ ଧାନ କିଣାଯିବ ବୋଲି କହିଥିଲେ। ଏବେ ୭୫ କ୍ୱିଣ୍ଟାଲ ଧାନ ବିକିବାକୁ ଟୋକନ ପାଇଥିବା ଚାଷୀଙ୍କ ସର୍ବାଧିକ ୬୦ କ୍ୱିଣ୍ଟାଲ ଧାନ କିଣିବାକୁ ଜିଲା କମିଟିର ନିଷ୍ପତ୍ତି ପରେ ବହୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମନ୍ତ୍ରୀ ବଡ କି ଜିଲାପାଳ ବଡ ଏହାକୁ ନେଇ ଚାଷୀଙ୍କ ମନରେ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଧାନ କିଣିବା ସମ୍ପର୍କରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ହିମାଂଶୁ ଭୁଷଣ ସାହୁଙ୍କୁ ଯୋଗାଯୋଗ କରିବାରେ ଏବେ ସେବା ସମବାୟ ସମିତି ଗୁଡିକ ସହ ଚୁକ୍ତି ପ୍ରକ୍ରିୟା ଚାଲୁଛି। ତାପରେ ମିଲ୍ ଟ୍ୟାଗ କରାଯିବ ବୋଲି ସେ କହିଛନ୍ତି।

## ସୋର ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ

ସୋର, ୫।୧(ସମିସ): ସୋର ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଅବସର ପ୍ରାପ୍ତ କର୍ମଚାରୀ ଭବନରେ ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୋର ନାଗରିକ ମଞ୍ଚର ପ୍ରଥମ ସଭାପତି ସ୍ୱର୍ଗତ ଲକ୍ଷ୍ମୀନାରାୟଣ ନାୟକ ସୋର ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ମାନଙ୍କରେ ବିଭିନ୍ନ ପଦ ପଦବୀରେ ରହି ଶେଷ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଉ ଥିବା ଅବସ୍ଥାରେ ଗତ ଡିସେମ୍ବର ୨୯ ତାରିଖ ଦିନ ୯୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିବାରୁ ନାଗରିକ ମଞ୍ଚ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଥିଲା। ମଞ୍ଚର ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ଗତ ବୈଠକର ବିବରଣୀ ଉପସ୍ଥାପନ କରିବା ସହିତ ୨୦୨୫ ମସିହାରେ ନାଗରିକ ମଞ୍ଚ ଗୁରୁତ୍ୱ ଦେଇଥିବା ସୋର ଅଞ୍ଚଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ମଧ୍ୟରେ କେତକ ଅସମାହିତ ଥିବା କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଅପୂରଣୀୟ ଦାବୀ ଗୁଡ଼ିକ ହାସଲ ପାଇଁ ଚଳିତ ବର୍ଷ ସଂଘର୍ଷର ବର୍ଷ ଭାବେ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ସୋର ରେଳ ଷ୍ଟେସନ ପ୍ରତି ବିଭାଗୀୟ ଅବହେଳା, ଉତ୍ତରେଶ୍ୱର ଓ କଲେଜ ଛକ ଗଳା ପୋଲ,ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବର୍ଷାଜଳ ନିଷ୍କାସନ, ଆନନ୍ତପୁର ପୋଲିସ ଷ୍ଟେସନ ଉଦ†ାଟନ ପ୍ରଭୃତି ବିଭିନ୍ନ ସମସ୍ୟା ଉପରେ ବିଭିନ୍ନ ସଦସ୍ୟ ମାନେ ଆଲୋଚନା କରିଥିଲେ। ଆସନ୍ତା ୧୮ ତାରିଖ ଦିନ ସାଧାରଣ ପରିଷଦ ବୈଠକ ବସି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ସ୍ଥିର ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟ ପକ୍ଷରେ ଅନନ୍ତପୁର ନୂତନ ପୁଲିସ ଷ୍ଟେସନ ଗୃହକୁ ତୁରନ୍ତ ଉଦ†ାଟନ, ପି ଡବ୍ଲ୍ୟୁ ଡି ଅଫିସକୁ ତୁରନ୍ତ ସ୍ଥାନାନ୍ତର ପାଇଁ ଦାବି କରାଯାଇଛି। ଏହି ସଭାରେ ନବକିଶୋର ଦାସ, ଡକ୍ଟର ନରହରି ନାୟକ, ମାୟାଧର ନାୟକ, ଗଙ୍ଗାଧର ପାଢ଼ୀ, ନିତ୍ୟାନନ୍ଦ କର, ମନୋଜ କୁମାର ରାୟ, ବାସୁକୃଷ୍ଣ ମହାପାତ୍ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କଟଚନ୍ଦ୍ର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଧ୍ୟାତ୍ମିକ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା

ବାଲେଶ୍ୱର, ୫।୧(ସମିସ): ଆଞ୍ଚଳିକ ଶ୍ରୀଜଗନ୍ନାଥ ଚେତନା ପରିଷଦର "ଭାବ ନୈବେଦ୍ୟ' ୨୦୨୬ ପାଇଁ ଆଧ୍ୟାତ୍ମିକ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ସଭାପତି ଶାନ୍ତନୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ମୁରଲୀଧର ନାୟକ, ଓଡିଶୀ ନୃତ୍ୟଗୁରୁ ଦିଲ୍ଲୀପ ମହାପାତ୍ର, ପୂର୍ବତନ ନୀଳଗିରି ଏବିଇଓ ମୁକ୍ତେଶ୍ୱର ସେଠୀ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଚାରକ ଥିଲେ ଅମରେନ୍ଦ୍ର ଦାସ, ଚନ୍ଦ୍ରକାନ୍ତ ବେହେରା, ରଂଜିତ ପରିଡା, ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି ପ୍ରାକ ସୂଚନା, ଯୁଗ୍ମ ସମ୍ପାଦକ ଶୁଭାଶିଷ ଆଚାର୍ଯ୍ୟ, ଗଙ୍ଗାଧର ବିଶ୍ୱାଳ ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ସୂଚନା, ମାନସ ଦାସ ଅତିଥି ପରିଚୟ ଦେଇଥିବା ବେଳେ କରୁଣାକର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ଶତାଧିକ ପ୍ରତିଯୋଗୀ ଯୋଗ ଦେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ନିରଞ୍ଜନ ପୃଷ୍ଟି, ଅଶୋକ ସାହୁ, ରାଜେନ୍ଦ୍ର ପ୍ରଧାନ, ରମାକାନ୍ତ ନାୟକ, ବିନାୟକ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଭରତ ମହାଳିକ, ହେମନ୍ତ ନାୟକ, ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ବିଭାଗରୁ ଶ୍ରେଷ୍ଠ ପାଞ୍ଚ ଜଣ ଆଗାମୀ ୧୩ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ଦଶାବତାର, ବିଶ୍ୱ ଶାନ୍ତି ମହାଯଜ୍ଞ, ବାଣିଜ୍ୟ ମେଳାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ପରିଷଦ ତରଫରୁ ପ୍ରକାଶ କରାଯାଇଛି।

## କାଳନ୍ଦା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବାଲିଆପାଳ, ୫।୧ (ସମିସ): ଏହି ବ୍ଲକ ବଳରାମପୁର ପଞ୍ଚାୟତ କାଳନ୍ଦା ଗ୍ରାମର ଜାହିର ଗାଡିଆ ଯୁବକ ସଂଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁରର ଅନ୍ଧାରି ଫୁଟବଲ କ୍ଲବକୁ ହରାଇ ବାଲେଶ୍ୱର ଜିଲ୍ଲା ବସ୍ତାର ଦହିସାରି ଫୁଟବଲ କ୍ଲବ ଚାମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ସମାଜସେବୀ ସଞ୍ଜୀବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ଗୋବିନ୍ଦ ପ୍ରସାଦ ଦାସ, ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ, ବ୍ଲକ ସଦସ୍ୟ ମୀନକେତନ ଦାସ ମହାପାତ୍ର, ଗ୍ରାମ ମୁଖିଆ ଦୈତାରୀ ନାୟକ, ସମାଜସେବୀ ନିତ୍ୟାନନ୍ଦ ପାଣିଗ୍ରାହୀ, ୱାର୍ଡ ସଦସ୍ୟ ନିତ୍ୟାନନ୍ଦ ଦାସ ମହାପାତ୍ର, ବିଭୁତି ଦାସ ମହାପାତ୍ର, ପୂର୍ବତନ ସରପଞ୍ଚ କୀର୍ତ୍ତନ ଧଳ, ବାବୁରାମ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆଦିବାସୀ ଭାଇ ଭଉଣୀମାନେ ପାରମ୍ପରିକ ନୃତ୍ୟ ସହ ବିଧାୟିକା ଶ୍ରୀମତୀ ଜେନାଙ୍କୁ ସ୍ୱାଗତ କରି ଥିଲେ । ବିଧାୟିକା କିଛି ସମୟ ପାଇଁ ବାଦ୍ୟର ତାଳେ ତାଳେ ତାଙ୍କ ସହ ପାଦକୁ ପାଦ ମିଶାଇ ସମସ୍ତଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ଜାହିର ଗାଡ଼ିଆ ଆଦିବାସୀ ଯୁବକ ସଂଘର ସଭାପତି ସୁମନ୍ତ ବେଶ୍ରା, ସମ୍ପାଦକ ହରିଶ ଚନ୍ଦ୍ର ବେଶ୍ରା, ଗୁରୁଭା ବେଶ୍ରା, ରଞ୍ଜନ ସୋରେନ, ମ୍ୟାନେଜର ନବ ସୋରେନଙ୍କ ସହିତ ରୁପାଇ ଟୁଡୁ, ବାପି ବେଶ୍ରା, ମନ୍ମଥ ବେଶ୍ରା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସଂଘର ସଭାପତି ସୁମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

● ଜିକେଭଟ୍ଟର ଓ ହାତୀଗଡ ହସ୍‌ପିଟାଲ

## ୨ ଘଣ୍ଟିଆ ଓପିଡି ରୋଗୀ ସେବା ବନ୍ଦ

ଜଳେଶ୍ୱର, ୫।୧ (ସମିସ) : ଜଳେଶ୍ୱରରେ ଥିବା ଜିକେ ଭଟ୍ଟର ହସ୍‌ପିଟାଲ ଓ ରାଇବଣିଆରେ ଥିବା ହାତୀଗଡ ହସ୍‌ପିଟାଲର ଡାକ୍ତରମାନେ ଆଜିଠାରୁ ଦୁଇଘଣ୍ଟିଆ ଓପିଡି ରୋଗୀ ସେବା ବନ୍ଦ କରିଛନ୍ତି। ଓମ୍‌ସାର ଆହ୍ୱାନକ୍ରମେ ଗତ କିଛିଦିନ ହେବ ଘଣ୍ଟିକିଆ ଓପିଡି ରୋଗୀ ସେବା ବନ୍ଦ ଥିବା ବେଳେ ପୂର୍ବ ସୂଚନା ଅନୁଯାୟୀ ଆଜିଠାରୁ ୨ ଘଣ୍ଟିଆ ଓପିଡି ରୋଗୀ ସେବା ବନ୍ଦ ହୋଇଯାଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ହସ୍‌ପିଟାଲ ମାନଙ୍କରେ ମଂଜୁରୀପ୍ରାପ୍ତ ପଦବୀ ପୂରଣ ହେବା, କେନ୍ଦ୍ରୀୟ ହାରରେ ଡିଏସିଟି ପ୍ରଦାନ କରିବା, ସେବା ପ୍ରଦାନ ବେଳେ ଡାକ୍ତରମାନଙ୍କୁ ସୁରକ୍ଷା ଦେବା, ଚିକିତ୍ସା ବୀମା ହୋବାଇବା ଇତ୍ୟାଦି ୧୦ ଦଫା ଦାବିରେ ଡାକ୍ତରମାନେ ଡିସେମ୍ବର ୬ ତାରିଖରୁ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ କୌଣସି ପ୍ରତିକାର ହେଉନଥିବା ଡା. ଭୀଷ୍ମ ପରିଡା, ଡା. ଦିଲ୍ଲିପ ପାତ୍ର ପ୍ରମୁଖ କହିଛନ୍ତି।




## ଭୋଗରାଇ ଉତ୍ସବର ପଞ୍ଚମ ସନ୍ଧ୍ୟା

ଭୋଗରାଇ, ୫।୧ (ସମିସ) : ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଥାନାଛକ ହେଲିପ୍ୟାଡ୍ ପଡ଼ିଆରେ ଭୋଗରାଇ ଉତ୍ସବ ପଞ୍ଚମ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ପରିମଳ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଆଞ୍ଚଳିକ ସଞ୍ଚାଳକ ଜୀବନ ବିମାନିଗମ ଜଳେଶ୍ୱରର ଦିଲ୍ଲୀପ କୁମାର ବିହାରୀ। ସମ୍ମାନୀତ ବକ୍ତା ଯୁବ ଶିଳ୍ପଦ୍ୟୋଗୀ ଅଂଶୁମାନ ମହାନ୍ତି, ବରିଷ୍ଠ ଆଇନଜୀବୀ ଓ ସମାଜସେବୀ ଭୁବନାନନ୍ଦ ଦାସ, ଉତ୍ସବ କମିଟିର ସଦସ୍ୟ ତଥା ସମାଜସେବୀ ସଂଜୀବ ସାହୁ, ସମ୍ମାନିତ ଅତିଥି ସାମ୍ବାଦିକ ଦିଲ୍ଲୀପ ଦାସ, ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଉତ୍ସବ କମିଟିର ବରିଷ୍ଠ ସଦସ୍ୟ ହରେନ୍ଦ୍ର ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ। ଭୋଗରାଇ ଉତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ଇଂ ରବିନ୍ଦ୍ର ମହାନ୍ତି, ପ୍ରଦୀପ ନାୟକ, ରାଜକୁମାର ଦାସ, ସନ୍ତୋଷ ଜେନା, ଗୋପବନ୍ଧୁ ମହାପାତ୍ର, ଦୀପେଶ ଚନ୍ଦ୍ର ରାୟ, ଅଂଶୁମାନ ମହାନ୍ତି, ବରେନ୍ଦ୍ର ପାତ୍ର, ମମତା ସାହୁ, ଆଶିଷ ମହାନ୍ତି, ରମାକାନ୍ତ କରଣ,ନିଶେଷ ଦେବ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

## ଶ୍ରମିକଙ୍କୁ ଆକ୍ରମଣ, ଥାନାରେ ମାମଲା

ଜଳେଶ୍ୱର, ୫।୧ (ସମିସ) : ଜଳେଶ୍ୱର ବ୍ଲକର ବର୍ତ୍ତନା ପଂଚାୟତର ଖରିଦା ଗାଁରେ ଦୁଇବର୍ଷ ତଳେ ଏକ ପାଣି ପ୍ରକଳ୍ପ ନିର୍ମାଣ ହୋଇଥିଲା। ଗତ କିଛିଦିନ ହେବ ରାସ୍ତାକଡରେ ବିଛାଯାଇଥିବା ପାଇପ୍‌ରେ ଲିକେଜ୍ ହେବାରୁ ପାଣି ବାହାରି ରାସ୍ତାକୁ ଆସୁଥିବା ପମ୍ପ ଡ୍ରାଇଭର ଠିକାଦାରଙ୍କୁ ସୂଚନା ଦେଇଥିଲେ। ଏହାର ମରାମତି ଦାୟିତ୍ୱ ଠିକାଦାରଙ୍କ ହାତରେ ଥିବାରୁ ରବିବାର ଦିନ ଦୁଇଜଣ ମିସ୍ତ୍ରି ଓ ଶ୍ରମିକ କାମ କରିବାକୁ ଯାଇଥିଲେ। ନିମ୍ନ ମାନର କାମ ହୋଇଥିବା ଦର୍ଶାଇ ଗ୍ରାମର ଅଭୟ ହୁଇ ଓ ସୁରେନ୍ଦ୍ର ଜେନା କାର୍ଯ୍ୟ କରିବାକୁ ଯାଇଥିବା ଫଂଗାମାଟିଆ ଗାଁର ଅଜୟ ସିଂ ଓ ସମ୍ଭୁ ମାନ୍ନାଙ୍କୁ ଆକ୍ରମଣ କରିବା ସହିତ ଗାଳିଗୁଲଜ କରିଥିବାର ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି।

## ଜିଲ୍ଲାସ୍ତରୀୟ ବୃହତ କୁଞ୍ଚିମେଳାର ଚତୁର୍ଥ ସନ୍ଧ୍ୟା

ଭୋଗରାଇ, ୫।୧(ସମିସ): ଭୋଗରାଇ ବ୍ଲକ ନାଚିନ୍ଦାଠାରେ ଜିଲ୍ଲାସ୍ତରୀୟ ବୃହତ କୁଞ୍ଚି ମେଳା ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶିବଶଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସମାଜସେବୀ ଗୋପାଳ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଚନ୍ଦନେଶ୍ୱର କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନନୀୟ ଅତିଥି ଶିକ୍ଷକ ମଳୟ କୁମାର ଶୂର, ଡ. ତ୍ରିଲୋଚନ ଦାସ, ସାମ୍ବାଦିକ ସୌରଭ କୁମାର ରାଉଳ, ଚନ୍ଦନ କୁମାର ଦାସ, ବରିଷ୍ଠ ନାଗରିକ ଶ୍ରୀକାନ୍ତ ରାଉଳ, ଗୋପାଳ ରାଉଳ ପ୍ରମୁଖ ଯୋଗ ଦେଇ ମେଳା ସମ୍ପର୍କ ଓ ଭାଇଚାରାର ମାଧ୍ୟମ ପାଳଟିଥାଏ ବୋଲି କହିଥିଲେ। ସଭା ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଳେଶ୍ୱର ନାମ୍ଭେର ଶ୍ରୀଗୋପାଳ ଗ୍ରୁପର ରଙ୍ଗାରଙ୍ଗ କାଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ।

● ରଙ୍ଗଶାଳାରେ ବଙ୍ଗ ଓ ଓଡ଼ିଶା ପୁଲିସର ମିଳିତ ଚଢ଼ଉ

## ରୂପଜୀବୀ ଓ ଦଲାଲ ଗିରଫ

ଭୋଗରାଇ, ୫।୧ (ସମିସ) : ଉଦୟପୁର ବେଳାଭୂମି ରାସ୍ତାକଡ଼କୁ ପଶ୍ଚିମବଙ୍ଗର ଦର୍ଶାଇ ଦୀଘା ଥାନା ଅଧୀନ ଦତ୍ତପୁର ଗ୍ରାମର କେତେକ ଦେହଜୀବୀ ଦଲାଲ ଜବର ଦଖଲ କରି ସେଠାରେ ରୂପଜିବୀ ମାନଙ୍କୁ ରଖି ଦେହ ବ୍ୟବସାୟ ଚଳାଇ ଆସୁଥିଲେ। ସୋମବାର ତାଳସାରି ସାମୁଦ୍ରିକ ଥାନା ଇନ୍ସପେକ୍ଟର ଶ୍ରବଣ କୁମାର ମହାରଣାଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ଓ ଓଡ଼ିଶା ପୁଲିସର ମିଳିତ ଚଢ଼ଉ ବେଳେ କେତେକ ରୂପଜୀବୀ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ଜଣେ ରୂପଜୀବୀଙ୍କ ସହିତ ସ୍ଥାନୀୟ ଦତ୍ତପୁର ଗାଁର ଜଣେ ଦେହଜୀବୀ ଦଲାଲକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛନ୍ତି। ଏ ନେଇ ଦୀଘା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜୁନିୟର ରେଡ୍‌କ୍ରସ ଶିକ୍ଷା ତଥା ତାଲିମ୍ ଶିବିର ଉଦ୍‌ଯାପିତ

ବାଲେଶ୍ୱର, ୫।୧(ସମିସ): ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡକ୍ରସର ସଭାପତି ଡ. ବସନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ତଥା ତାଲିମ୍ ଶିବିର ରେଡକ୍ରସ୍ ଭବନ ଏବଂ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ବାଲେଶ୍ୱରଠାରେ ଆଜି ଉଦଯାପିତ ହୋଇଛି। ଏହି ଶିବିର ଜାନୁଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଜିଲ୍ଲାର ୧୨ଟି ବ୍ଲକ୍‌ରୁ ୭୬୦ ଜଣ ଜୁନିୟର ଏବଂ ୨୪୦ ଜଣ କାଉନସିଲର ଭାବେ ସର୍ବମୋଟ ୯୦୦ ଜଣ ଶିବିରାର୍ଥି ଯୋଗଦାନ କରିଥିଲେ। ଆଜିର ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରିଥଲେ ଡ଼. ବସନ୍ତ କୁମାର ନାୟକ। ଅତିଥି ଭାବେ ଯୋଗଦେଇଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣିମା ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ତଥା ଜୁନିୟର ରେଡକ୍ରସ ସମ୍ପାଦକ ଚନ୍ଦ୍ରକାନ୍ତ ଘଡେଇ, ଜୁନିୟର ରେଡକ୍ରସ ଯୁଗ୍ମ ସମ୍ପାଦକ ବାମନ ଚନ୍ଦ୍ର ମହାନ୍ତି, ପୂର୍ବତନ ଶାରୀରିକ ନିରୀକ୍ଷକ ପ୍ରଦୀପ ଦାସ, ବରିଷ୍ଠ ସାଧନକର୍ମୀ ସୋମନାଥ ନାୟକ ମଞ୍ଚରେ ଉପସ୍ଥିତ ଥିଲେ। ଉକ୍ତ ସଭାରେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ସାଧନ କର୍ମୀ ଉମାକାନ୍ତ ବେହେରା ଏବଂ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥଲେ ଜୁନିୟର ରେଡକ୍ରସ୍ ଅଧିକାରୀ ନାରାୟଣ ପାଇକରାୟ। ଶିବିରାର୍ଥିମାନଙ୍କୁ ତିନିଦିନରେ ବିଭିନ୍ନ ବିଷୟରେ ଯଥା ରେଡ଼କ୍ରସ ଇତିହାସ, ରକ୍ତଦାନ, ଜଳବାୟୁ ପରିବର୍ତ୍ତନ, ପ୍ରାଥମିକ ସହାୟତା, ସ?କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ନିଶା ନିବାରଣ ଓ ତମାଖୁ ମୁକ୍ତ ସମାଜ, ଏଚ ଆଇ ଭି ଏଡ଼ସ, ଉପରେ ତାଲିମ ଦିଆଯାଇଥିଲା ଏବଂ ପିଲାମାନଙ୍କ ମଧ୍ୟରେ ଦଳଗତ ନୃତ୍ୟ, ସଙ୍ଗୀତ, ନାଟକ, ପ୍ରବନ୍ଧ, ଚିତ୍ରାଙ୍କନ, ରଙ୍ଗୋଲି, ସାଧାରଣ ଜ୍ଞାନ, ଭାଷଣ ପ୍ରତିଯୋଗିତା ହୋଇଥିଲା ଓ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇ ରାଜ୍ୟ ସ୍ତରୀୟ ଶିବିରକୁ ଯୋଗଦାନ କରିବାକୁ ପଠାଯି। କାର୍ଯ୍ୟକ୍ରମରେ ଜିଲ୍ଲା ସାଧନ କର୍ମୀ ମନୋଜ ଜେନା, ସୁଦର୍ଶନ ରାଉତ, ଦନାର୍ଦ୍ଦନ ଖିଲାର, ଦେବରାଜ ମିଶ୍ର, ରତିକାନ୍ତ ନାୟକ, ନରୋତ୍ତମ ପୁଟି ସହିତ ଜିଲ୍ଲାର ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚୟନକୁ ନେଇ ବିବାଦ



**ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଟକ ରଖିଲେ ସଦସ୍ୟ**

ବାହାନଗା, ୫।୧(ସମିସ) : ବାହାନଗା ବ୍ଲକ ଗୋପାଳପୁରସ୍ଥିତ ପିଏମଶ୍ରୀ ମଣିଭଦ୍ର ହାଇସ୍କୁଲରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚୟନକୁ ନେଇ ବିବାଦ ଦେଖା ଦେଇଥିବା ବେଳେ ଦୀର୍ଘ ସମୟ ଧରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କମିଟି ସଦସ୍ୟ ତାଲା ପକାଇ ଅଟକ ରଖିଥିବାର ଦେଖିବାକୁ ମିଳିଥିଲା। ଖବର ଅନୁସାରେ ୨୦୨୫ ମସିହା ଡିସେମ୍ବର ୧୫ରେ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବରୁ ଥିବା କମିଟିରୁ ୩ ଓ ନୂତନ ଭାବେ ୯ ଜଣ ମେମ୍ବର ଚୟନ ହୋଇଥିଲେ। ପରେ ଆଜି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚୟନ ପାଇଁ ଦିନ ଧାର୍ଯ୍ୟ ହେବା ସହ ସମସ୍ତ ମେମ୍ବରମାନଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଚିଠି କରିଥିଲେ। ମେମ୍ବର ମାନେ ଆଜିର ବୈଠକରେ ଯୋଗଦେବାକୁ ଆସି ଉପସ୍ଥିତ ଥିବା ବେଳେ ଅଚାନକ ପ୍ରଧାନ ଶିକ୍ଷୟିତ୍ରୀ କିରଣବାଳା ମଲ୍ଲିକ ବୈଠକ ବନ୍ଦ ହେଲା ବୋଲି ଘୋଷଣା କରିବାରୁ ଉତ୍ତେଜନା ପରିଲକ୍ଷିତ ହୋଇଥିଲା। କେଉଁ ଆଧାରରେ ଏବଂ କାହା ନିର୍ଦ୍ଦେଶରେ ଆଜିର ସଭାପତି ଚୟନ ପ୍ରକ୍ରିୟାକୁ ରଦ୍ଦ କରାଗଲା ବୋଲି ସଦସ୍ୟ ମାନେ ପ୍ରଶ୍ନ କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କମିଟି ସଦସ୍ୟ ମାନେ ତାଲା ପକାଇ ଅଟକ ରଖିଥିଲେ। ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲେ ସୁଦ୍ଧା ଶିକ୍ଷା ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବା ବେଳେ ସନ୍ଧ୍ୟା ସମୟରେ ଗୋପାଳପୁର ଥାନା ପୁଲିସ ଏବଂ ଅଶ୍ୱିନୀ ମହାପାତ୍ର, ବେଣୁଧର ଜେନାଙ୍କ ସହ ବହୁ ଅଭିଭାବକଙ୍କ ସହ ଆଲୋଚନା ପରେ ଆସନ୍ତା ୧୫ ତାରିଖରେ ବୈଠକ ଚୟନ କରି ସଭାପତି ଚୟନ କରାଯିବାର ଲିଖିତ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ସରକାରୀ ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକ

ବାହାନଗା, ୫।୧(ସମିସ)



ଶିଶୁ ଶ୍ରମିକଙ୍କୁ ନିର୍ମାଣ କାମରେ ଲଗାଇଲା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକରେ ସରକାରୀ ନିୟମ କାନୁନର ଧଜିଆ ଉଡାଇ ଶିଶୁ ଶ୍ରମିକଙ୍କୁ ସରକାରୀ ସ୍କୁଲରେ ସ୍କୁଲ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଛି ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ। ଶିଶୁଙ୍କୁ ଶିକ୍ଷା ବିଭାଗ ଖାତା କଲମ ଧରାଇବା ଦୂରେ ଥାଉ ଶିଶୁଙ୍କୁ ଆଣି ଶିଶୁ ଶ୍ରମିକ ଭାବେ ସରକାରୀ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଛି ଶିକ୍ଷା ବିଭାଗର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ। ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ପିଏମଶ୍ରୀ ଯୋଜନାରେ ୧୮.୩୩ ଲକ୍ଷ ଟଙ୍କା ଅନୁଦାନରେ କମ୍ପ୍ୟୁଟର ଦ୍ୱାରା ଭାଷା ଶିକ୍ଷା ଲାବ୍ ଗୃହ ନିର୍ମାଣ କାର୍ଯ୍ୟ ଖୋଦ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ରଖିଛି। ଏପରିସ୍ଥଳେ ଆଜି ୩ ଜଣ ଶିଶୁ ଶ୍ରମିକଙ୍କୁ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ ନିୟୋଜିତ କରାଯାଇଥିବାର ଦେଖିବାକୁ ମିଳିଥିଲା। ଏମିତି ରାତି ପର୍ଯ୍ୟନ୍ତ ଅନ୍ଧାରରେ ନିର୍ମାଣ କାମ ଜାରି ରହିଥିବା ବେଳେ କାର୍ଯ୍ୟର ତଦାରଖ ପାଇଁ କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ। କାର୍ଯ୍ୟରେ ଶ୍ରମିକ ଭାବେ ନିୟୋଜିତ ଥିବା ୩ ଜଣ ଶିଶୁ ଔପଦା ଅଞ୍ଚଳର । ଖୋଦ ଶିକ୍ଷା ବିଭାଗର ଜିଲ୍ଲା ମୁଖିଆଙ୍କ କାର୍ଯ୍ୟାଳୟ ପକ୍ଷରୁ କରାଯାଉଥିବା ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯିବା ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନ ଛିଡା କରିଛି। ବେସରକାରୀ ଭାବେ ଯଦି କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରୁଛି , ତେବେ ଶିଶୁ ସୁରକ୍ଷା ବିଭାଗ ଏବଂ ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ହେଲେ ଖୋଦ ସରକାରୀ କାର୍ଯ୍ୟାଳୟରେ ଶିଶୁ ଶ୍ରମିକଙ୍କୁ ବିଭାଗୀୟ ଅଧିକାରୀ ନିୟୋଜିତ କରୁଥିବା ବେଳେ ଶ୍ରମ ବିଭାଗ ଏବଂ ଶିଶୁ ସୁରକ୍ଷା ବିଭାଗ ସ୍ଥାଣୁ ପାଲଟିଥିବାର ଦେଖିବାକୁ ମିଳିଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ନାୟକ କୁହନ୍ତି ମୁଁ ଜାଣିନାହିଁ, ବ୍ଲକ ଶିକ୍ଷା ଅଧିକାରୀ କହି ପାରିବେ ବୋଲି କହି ଏଡ଼ାଇ ଯାଇଛନ୍ତି। ଜିଲ୍ଲା ଡିପିସିଙ୍କ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟ ଜାରି ରହିଥିବା ବେଳେ ଉତ୍ତରଦାୟୀ ଖୋଦ ଜିଲ୍ଲା ଶିକ୍ଷା ଅଧିକାରୀ ଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀଙ୍କ ମତାମତ ନେବାକୁ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଚର୍ଚ୍ଚା ଜୋର ଧରିଛି।

ଏ ନେଇ ଆଇନଜୀବୀ ଅଶ୍ୱିନୀ ମହାପାତ୍ର କହନ୍ତି ସ୍କୁଲ ପରିସରରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ଏହା ଶ୍ରମ ଆଇନକୁ ସଂପୂର୍ଣ୍ଣ ଭାବେ ଉଲଂଘନ କରାଯାଇଛି। ସ୍କୁଲ ପରିସରରେ କାର୍ଯ୍ୟ ଜାରି ରହିଥିବା ବେଳେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦେଖୁଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏ ଦିଗରେ ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

ଡିପିସି କାର୍ଯ୍ୟାଳୟ ଯନ୍ତ୍ରୀ ହିମାଂଶୁ ଦାସ କହିଛନ୍ତି ଏହା ମୋ ନଜରକୁ ଆସିନାହିଁ, ମୁଁ ଜାଣି ନଥିଲି, ଏବେ ଶିଶୁ ଶ୍ରମିକଙ୍କୁ ବନ୍ଦ କରିଦେବା।

ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗାହିର ଶିଶୁ ଶ୍ରମିକଙ୍କୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରାଯିବା ଆଇନଗତ ଅପରାଧ, ଏହି ଘଟଣା ବାବଦରେ ଆସନ୍ତାକାଲି ଚାଇଲ୍ଡ ହେଲ୍ପ ଲାଇନ ଟିମ୍ ପକ୍ଷରୁ ତଦନ୍ତ କରାଯିବ।

